# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**07th June - 2024**

**News Editor : *Itishree Singh Rathaur***

**********************************

***Desk***

# ଏନ୍.ଡି.ଏ. ବୈଠକ

କେନ୍ଦ୍ରରେ ସରକାର ଗଠନ ଲାଗି ଆଜି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ - ଏନ୍.ଡି.ଏ.ର ସଂସଦୀୟ ଦଳ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ । ଏଥିରେ ବି.ଜେ.ପି. ସମେତ ମେଣ୍ଟର ଅନ୍ୟାନ୍ୟ ସହଯୋଗୀ ଦଳର ନବନିର୍ବାଚିତ ସାଂସଦମାନେ ଯୋଗଦେବେ । ଏହି ବୈଠକରେ ଯୋଗଦେବା ଲାଗି ରାଜ୍ୟରୁ ନିର୍ବାଚିତ ହୋଇଥିବା ବି.ଜେ.ପି.ର ସାଂସଦମାନେ ଗତକାଲି ଦିଲ୍ଲୀ ଗସ୍ତ କରିଛନ୍ତି ।

ଅନ୍ୟପକ୍ଷରେ କେନ୍ଦ୍ରରେ ନୂତନ କ୍ୟାବିନେଟ୍ ଗଠନ ନେଇ ଏନ୍.ଡି.ଏ.ର ସହଯୋଗୀ ଦଳଗୁଡ଼ିକ ସହ ଆଲୋଚନା କରିବା ଲାଗି ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଦଳର ବରିଷ୍ଠ ନେତା ରାଜନାଥ ସିଂହଙ୍କୁ ଦାୟିତ୍ୱ ଦିଆଯାଇଥିବା ଜଣାଯାଇଛି ।

***Desk***

## ଆଦର୍ଶ ଆଚରଣ ବିଧି

ଭାରତର ନିର୍ବାଚନ ଆୟୋଗ ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଗତ ମାର୍ଚ୍ଚ ୧୬ ତାରିଖରୁ ଲାଗୁ ହୋଇଥିବା ଆଦର୍ଶ ଆଚରଣ ବିଧିକୁ ଗତକାଲି ପ୍ରତ୍ୟାହାର କରିନେଇଛନ୍ତି । ନିର୍ବାଚନଜନିତ ସମସ୍ତ ପ୍ରକ୍ରିୟା ଗତକାଲି ଶେଷ ହୋଇଥିବାରୁ ଏନେଇ ଆୟୋଗଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ଆଦର୍ଶ ଆଚରଣ ବିଧି ଲାଗୁ ହେବାଦ୍ୱାରା  ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ପ୍ରକଳ୍ପର ଉଦ୍‌ଘାଟନ ବା ଶିଳାନ୍ୟାସ, ବିଭିନ୍ନ ପ୍ରକଳ୍ପ ଟେଣ୍ଡର୍ ପ୍ରକ୍ରିୟା, ନୂତନ ପଦକ୍ଷେପ ତଥା ସରକାରୀ କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିବା ଓ ଅଭିଯୋଗ ଶୁଣାଣି ଉପରେ ରୋକ୍ ଲାଗିଥିଲା । ଏଣିକି ଏହି ସମସ୍ତ କାର୍ଯ୍ୟ ପୂର୍ବଭଳି ସ୍ୱାଭାବିକ ଭାବେ ହୋଇପାରିବ । ସେହିଭଳି ରାଜ୍ୟରେ ନୂତନ ବିଧାନସଭା ଗଠନ ସମ୍ପର୍କିତ ବିଜ୍ଞପ୍ତି ଗତକାଲି ନିର୍ବାଚନ ଆୟୋଗଙ୍କଦ୍ୱାରା ପ୍ରକାଶିତ ହୋଇଛି । ଏହି ବିଜ୍ଞପ୍ତି ଓଡ଼ିଶା ରାଜପତ୍ରରେ ମଧ୍ୟ ପ୍ରକାଶିତ ହୋଇଛି ।

***BBSR/R***

## ଆଡ୍‌ଭୋକେଟ୍ ଜେନେରାଲ୍ ଦାୟିତ୍ୱ

ଆଇନଜୀବୀ ଜ୍ୟୋତିପ୍ରକାଶ ପଟ୍ଟନାୟକଙ୍କୁ ରାଜ୍ୟ ଆଡ୍‌ଭୋକେଟ୍ ଜେନେରାଲ୍ ଦାୟିତ୍ୱ ପ୍ରଦାନ କରାଯାଇଛି । ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଶ୍ରୀ

ପଟ୍ଟନାୟକ ଏହି ଦାୟିତ୍ୱ ତୁଲାଇବେ ବୋଲି ଆଇନ ବିଭାଗ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ।

***Desk***

# ଉତ୍କେଲା-ରାୟପୁର ବିମାନ ସେବା

କଳାହାଣ୍ଡି ଜିଲ୍ଲା ଉତ୍କେଲା ବିମାନ ବନ୍ଦରରୁ ଏଣିକି ପ୍ରତ୍ୟେକ ଗୁରୁବାର ସକାଳ ସାଢ଼େ ୯ଟାରେ ରାୟପୁରକୁ ବିମାନ ସେବା ଉପଲବ୍ଧ ହେବ । ଏଥିଲାଗି ବିମାନ ଭଡ଼ା ୨ ହଜାର ୪୮୬ ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ଭାରତୀୟ ବିମାନ ବନ୍ଦର ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି । ଏଠାରେ ସୂଚନା ଦିଆଯାଇପାରେ, ଗତବର୍ଷ ଅଗଷ୍ଟ ମାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତତ୍କାଳୀନ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମିଳିତ ଭାବେ ଉତ୍କେଲା ବିମାନ ବନ୍ଦରର ଲୋକାର୍ପଣ କରିଥିଲେ ଓ ସେହିଦିନ ଭୁବନେଶ୍ୱର-ଉତ୍କେଲା ମଧ୍ୟରେ ବିମାନ ସେବା ଆରମ୍ଭ ହୋଇଥିଲା ।

***BBSR/R***

# ଯୁକ୍ତ ଦୁଇ ନାମଲେଖା ଆବେଦନ

ଯୁକ୍ତ ଦୁଇ ପ୍ରଥମ ବର୍ଷ ନାମଲେଖା ଲାଗି ଆଜିଠାରୁ ଆବେଦନ ଆରମ୍ଭ ହେବ । ଛାତ୍ରଛାତ୍ରୀମାନେ ସାମ୍ସ୍ ୱେବ୍‌ସାଇଟ୍‌ରେ ଆସନ୍ତାମାସ ୬ ତାରିଖ

ପର୍ଯ୍ୟନ୍ତ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଓ ଉପଶାସ୍ତ୍ରୀ ବିଭାଗରେ ନାମଲେଖାପାଇଁ ଆବେଦନ କରିପାରିବେ । ସାଧାରଣବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଆବେଦନ ଫି' ୨୦୦ ଟଙ୍କା ଥିବାବେଳେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଲାଗି ୧୦୦ ଟଙ୍କା ରହିଛି । ସେହିପରି ଦିବ୍ୟାଙ୍ଗ, ତୃତୀୟଲିଙ୍ଗୀ ଓ ଅନାଥ ପିଲାମାନେ ନିଃଶୁଳ୍କ ଆବେଦନ କରିପାରିବେ । ଆସନ୍ତା ଅଗଷ୍ଟ ୧ ତାରିଖରୁ ଯୁକ୍ତ ଦୁଇ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି ।

***Sambalpur/R***

# ଶୀତଳଷଷ୍ଠୀ

ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ପତରପେଣ୍ଡି କାର୍ଯ୍ୟକ୍ରମ ଗତକାଲି ଅନୁଷ୍ଠିତ ହୋଇଯାଇଛି । ନନ୍ଦପଡ଼ାର ବମ୍ବରାଡ ବାଲୁଙ୍କେଶ୍ୱର ବାବାଙ୍କର ମା' ପାର୍ବତୀଙ୍କ ସହିତ ନିର୍ବନ୍ଧ ବା ପତରପେଣ୍ଡି ଗତ ସନ୍ଧ୍ୟାରେ ସମ୍ପନ୍ନ ହୋଇଛି । ଆଜି ଦେବ ନିମନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସେହିପରି ଝାଡୁଆପଡା ଏବଂ ମୋଦୀପଡାର ପତ୍ରପେଣ୍ଡି ଆସନ୍ତାକାଲି ହେବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ମୋଦୀପଡା ଓ ଝାଡୁଆପଡାରେ ଆସନ୍ତା ରବିବାର ଦିନ ଦେବ ନିମନ୍ତ୍ରଣ କରାଯିବା ନେଇ କାର୍ଯ୍ୟସୂଚୀ ଧାର୍ଯ୍ୟ କରାଯାଇଛି।

ଆସନ୍ତା ୧୦ ତାରିଖ ସୋମବାର ଦିନ ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଆକର୍ଷଣ ଶିବ ବିବାହ, ୧୧ ତାରିଖ ଦିନ ନଗର ପରିକ୍ରମା ଏବଂ ୧୨ ତାରିଖ ଦିନ ଦେବ ଦମ୍ପତିକଙ୍କର ମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି।

***Desk***

## ତାଇକୋଣ୍ଡୋ - ଓଡ଼ିଶା ସ୍ୱର୍ଣ୍ଣ ପଦକ

ନୂଆଦିଲ୍ଲୀରେ ଅନୁଷ୍ଠିତ ୩୩ତମ ଉତ୍ତର-ପୂର୍ବ ଜୋନାଲ୍ ଆଇ.ଟି.ଏଫ୍. ତାଇକୋଣ୍ଡୋ ପ୍ରତିଯୋଗିତାରେ ଓଡ଼ିଶା ୩ଟି ସ୍ୱର୍ଣ୍ଣ ସହ ମୋଟ୍ ୨୯ଟି ପଦକ ବିଜୟୀ ହୋଇଛି । ଏଥିରେ ୧୫ଟି ରୌପ୍ୟ ଓ ୧୧ଟି ବ୍ରୋଞ୍ଜ୍ ପଦକ ଅନ୍ତର୍ଭୁକ୍ତ । ଏଥିସହିତ ଓଡ଼ିଶା ଏହି ପ୍ରତିଯୋଗିତାରେ ତୃତୀୟ ରନର୍ସ ଅପ୍ ଗୌରବ ଅର୍ଜନ କରିଛି ।

***Ganjam/R***

## ହ୍ୟାଣ୍ଡ୍‌ବଲ୍ ପ୍ରତିଯୋଗିତା

ଆନ୍ତଃଜିଲ୍ଲା ପୁରୁଷ ଓ ମହିଳା ହ୍ୟାଣ୍ଡ୍‌ବଲ୍ ପ୍ରତିଯୋଗିତା ଆଜିଠାରୁ କେନ୍ଦୁଝରଠାରେ ଆରମ୍ଭ ହେବ । ଏହା ତିନି ଦିନ ଧରି ଚାଲିବ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ଲାଗି ଗଞ୍ଜାମ ଜିଲ୍ଲାର ପୁରୁଷ ଓ ମହିଳାଙ୍କର ଏକ ୩୨ ଜଣିଆ ଦଳ କେନ୍ଦୁଝର ଗସ୍ତ କରିଛନ୍ତି । ଗତବର୍ଷ

ଜଗତ୍‌ସିଂହପୁରଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଗଞ୍ଜାମ ଦଳ ରନର୍ସ ଅପ୍ ହୋଇଥିଲା ।

***Met. O.***

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଗତକାଲି ରାଜ୍ୟର ୧୨ଟି ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ଊର୍ଦ୍ଧ୍ୱ ଥିବାବେଳେ ବଲାଙ୍ଗିରରେ ସର୍ବାଧିକ ଦିନ ତାପମାତ୍ରା ୪୩ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଛି ।

ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା ଓ କୋରାପୁଟ ଜିଲ୍ଲାର କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ ଆସନ୍ତା ୧୦ ତାରିଖ ସୁଦ୍ଧା ଦକ୍ଷିଣ ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଆକଳନ କରିଛି ।

*****